# Akashvani, Sambalpur

## SAMBALPURI NEWS MORNING BULLETIN

## 29 July 2026 - 6.47- 6.52 am.

---

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଆଇ ଆଣ୍ଡ୍ ପି.ଆର୍

ଫୁଲ୍‌ବାଣୀ ସର୍‌କାରୀ ମେଡ଼ିକାଲ୍ କଲେଜ୍‌କେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର୍ ନାଁଥି ନାମିତ୍ କରାଯାଇଛେ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଗଲାକାଏଲ୍ ଇ ବାବ୍‌ଦେ ବିଜ୍ଞପ୍ତି ବାହାରିଛେ । ନାଁ ପରିବର୍ତ୍ତନ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନିଷ୍ପତି ନେବାର୍ ଦିନ୍‌କର୍ ଉତ୍‌ରୁ ତାର୍ ନାଁ ବଦ୍‌ଲିଛେ । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର୍ ସ୍ମୃତିକେ ବଁଚେଇ ରଖିବାର୍ ଆଉ କନ୍ଧମାଲ୍‌ର ଜନଜାତି ମାନ୍‌କର୍ ଲାଗି ତାଙ୍କର୍ ସେବା ଆଉ ତ୍ୟାଗକେ ସମ୍ମାନ୍ ଜନେଇକରି ରାଜ୍ୟ ସର୍‌କାର୍ ଭିନ୍ ଭିନ୍ ପଦକ୍ଷେପ୍ ଘୋଷ୍‌ନା କରିଛନ୍ ।

ବନ୍ୟା- ରାଜସ୍ୱ ମନ୍ତ୍ରୀ ଆଇ ଆଣ୍ଡ୍ ପି.ଆର୍

ରାଏଜେ ହଉଥିବା ଲଗାଏତ୍ ବର୍ଷା ଲାଗି ହେଇଥିବା ବଏଢ଼୍ ପରିସ୍ଥିତି ମୁକାବିଲା କର୍‌ବାର୍‌କେ ରାଜ୍ୟ ସର୍‌କାର୍ ପୁରାପୁରି ତୟାର୍ ଅଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଭିନ୍ ଭିନ୍ ନଦୀର୍ ଜଲ୍‌ସ୍ତର୍ ବଢ଼୍‌ବାର୍ ସହେତେ ଚିନ୍ତାଜନକ୍ ସ୍ଥିତି ଦେଖ୍‌ବାର୍‌କେ ମିଲିଛେ । ତଲିଆ ଇଲାକା ମାନ୍‌କେ ଲୁକ୍‌କୁ ସୁରକ୍ଷିତ୍ ଜାଗାକେ ସ୍ଥାନାନ୍ତର୍, ଆଶ୍ରୟସ୍ଥଲୀମାନ୍‌କେ ରନ୍ଧା ଖାଦ୍ୟ ଆଉ ସୁରକ୍ଷା ବ୍ୟବସ୍ଥା କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ବଏଢ଼୍ ପ୍ରଭାବିତ୍ ଇଲାକାମାନ୍‌କେ ଏନ୍‌ଡିଆର୍‌ଏଫ୍ ଆଉ ଓଡ୍ରାପ୍ ଦଲ୍ ମୁତୟନ୍ ହେଇଥିବାର୍ ବେଲେ ସ୍ୱାସ୍ଥ୍ୟ, ପଶୁସମ୍ପଦ୍ ଆଉ ପୁଲିସ୍ ବିଭାଗ୍ ପୁରାପୁରି ସଜାଗ୍ ଅଛନ୍ । ବୈଠକ୍‌ଥି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ, ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ. ବି. ଖୁରାନିଆ ଅଗ୍ନିଶମ ବିଭାଗ୍‌ର ମହାନିର୍ଦ୍ଦେଶକ୍ ସୁଧାଂଶୁ ଷଡ଼ଙ୍ଗୀଙ୍କର୍ ସହେତେ ବରିଷ୍ଠ ପ୍ରଶାସନିକ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଷ୍ଟ୍ରପତି -ଓଡ଼ିଶା ଗସ୍ତ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ମାସ ୩ ତାରିଖ୍ ଓଡ଼ିଶା ଗସ୍ତଥି ଆସ୍‌ବେ । ରାଷ୍ଟ୍ରପତି ଇ ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ରାଷ୍ଟ୍ରପତିଙ୍କର୍ ସୁରକ୍ଷା, ପ୍ରୋଟୋକଲ୍ ଆଉ ପ୍ରଶାସନିକ୍ ପ୍ରସ୍ତୁତିକେ ନେଇକରି ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ବୈଠକ୍‌ଥି ରାଷ୍ଟ୍ରପତିଙ୍କର୍ ଗସ୍ତ ସମିଆଥି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ସମୀକ୍ଷା କରାଯାଇଥିଲା । ରାଷ୍ଟ୍ରପତିଙ୍କର୍ ଗସ୍ତକେ ନଜର୍‌ଥି ରଖିକରି ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍‌ର ପରିମଲ୍ ବ୍ୟବସ୍ଥା ଆଉ ସ୍ୱଚ୍ଛତା ଉପ୍‌ରେ ଖାସ୍ ଧ୍ୟାନ୍ ଦିଆଯିବା । ରେଲ୍‌ଷ୍ଟେସନ୍ ପରିସର୍ ନ ସୁରକ୍ଷା ବ୍ୟବସ୍ଥାକେ ଅଏତ୍‌କା କଡ଼ାକଡ଼ି କର୍‌ବାର୍ ଆଉ ରାଷ୍ଟ୍ରପତିଙ୍କର୍ ସ୍ୱତନ୍ତ୍ର ରେଲ୍ ଯାତ୍ରା ସମିଆଥି ସବୁ ପ୍ରକାର୍ ସୁରକ୍ଷା ବ୍ୟବସ୍ଥାକେ ନିର୍ଭୁଲ୍ କର୍‌ବାର୍ ଉପରେ ବୈଠକ୍‌ଥି ସମୀକ୍ଷା କରାଯାଇଥିଲା ।

ବନକଲାଗି ନୀତି ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଅଷାଢ଼୍ ମାସ ପୁନି ତିଥି ନ ଆଏଜ୍ ମାହାପୁରୁମାନ୍‌କର୍ ବନକଲାଗି ନୀତି କରାଯିବା । ୨ ନମ୍ବର୍ ଭୋଗ ମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍‌ରୁ ବେଲ୍‌ବୁଡ଼ର୍ ୬ ବଜେନୁ ରାତିର୍ ୧୦ ବଜେତକ୍ ଇ ଗୁପ୍ତ ନୀତି କରାଯିବା । ଇଥିର୍‌ଲାଗି ପାଖାପାଖି ୫ ଘଂଟାତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଗୁରୁପୂର୍ଣ୍ଣିମା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ପବିତ୍ର ଗୁରୁପୂର୍ଣ୍ଣିମା । ଇଟାକେ ବ୍ୟାସପୂର୍ଣ୍ଣିମା ଭିଲ୍ କୁହାଯାଏସି । ଗୁରୁ-ଶିଷ୍ୟ ପରମ୍ପରା ଭାରତୀୟ ସଭ୍ୟତା ଆର୍ ସଂସ୍କୃତିର ଅଭିନ୍ନ ଅଙ୍ଗ ଆଏ । ଜୀବନ୍‌ର ସବୁଦିଗେ ବାଟ୍ କଢ଼ଉଥିବା ଗୁରୁମାନ୍‌କୁ ସମ୍ମାନ୍ ଜନେଇକରି ଗୁରୁପୂର୍ଣ୍ଣିମା ମନାଯାଏସି ।

ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ୍ ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ବାଘ୍ ମାନ୍‌କର୍ ସଂରକ୍ଷଣ୍ ଲାଗି ଲୁକକୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ୍ ପାଲନ୍ କରାଯାଉଛେ । ୨୦୧୦ ମସିହାଥି ସେଂଟ୍‌ପିଟ୍‌ସ୍‌ବର୍ଗ ଠାନେ ହେଇଥିବା ବ୍ୟାଘ୍ର ଶୀର୍ଷକ୍ ସମ୍ମିଲନୀଥି ଇ ଦିବସ୍ ପାଲନ୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଥିଲା । ଜୀବଜଗତ୍‌ର ସୁସ୍ଥ ପରିସଂସ୍ଥାନ ଆଉ ପରିବେଶ୍ ସନ୍ତୁଲନ୍ ଲାଗି ବାଘ୍ ମାନ୍‌କର୍ ଉପସ୍ଥିତି ବହୁତ୍ ଜରୁରୀ ଆଏ । ହେଲେ ପୁର୍‌ଥିର୍ ଇ ଶକ୍ତିଶାଳୀ ପ୍ରାଣୀ ଆଏଜ୍ ନିଜର୍ ସ୍ଥିତି ବଂଚାବାର୍ ଲାଗି ସଂଘର୍ଷ କରୁଛେ । ଇତାକେ ନଜର୍‌ଥି ରଖିକରି ବାଘର୍ ସୁରକ୍ଷା ଆଉ ସଂରକ୍ଷଣ୍ ଲାଗି ୨୦୧୦ ମସିହାନୁ ଜୁଲାଇ ୨୯ ତାରିଖିକେ ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଲନ୍ କରାଯାଉଛେ । ବାଘ୍ ମାନ୍‌କର୍ ସୁରକ୍ଷାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ବହୁତ୍ ଆଘୋନୁ ପଦକ୍ଷେପ୍ ନିଆଯାଉଛେ । ୧୯୭୩ ମସିହାଥି ପରିବେଶ୍ ମନ୍ତ୍ରଣାଳୟ ଇ ଦିଗେ ପ୍ରୋଜେକ୍ଟ ଟାଇଗର୍ ମୁଲ୍ କରିଥିଲା ।

ପ୍ରାକ୍ ମେଟ୍ରିକ୍, ମେଟ୍ରିକ୍ ଉତ୍‌ରର୍ ଛାତ୍ରବୃତି    ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ଅନୁସୂଚିତ ଜନଜାତି ଆଉ ଜାତି ଉନ୍ନୟନ୍ ଆଉ ସଂଖ୍ୟାଲଘୁ ସମ୍ପ୍ରଦାୟ ଆଉ ପଛୁଆ ବର୍ଗ କଲ୍ୟାଣ୍ ବିଭାଗ୍ ତର୍ଫୁ ପ୍ରାକ୍ ମେଟ୍ରିକ୍ ଆଉ ମେଟ୍ରିକ୍ ଉତ୍ରର୍ ଛାତ୍ରବୃତି ଲାଗି ଆଏଜ୍ଠାନୁ ଆବେଦନ୍ ପ୍ରକ୍ରିୟା ମୁଲ୍ ହେଉଛେ । ଦର୍ଖାସ୍ତ ପକାବାର୍ ଲାଗି ଆଏଜ ସେପ୍ଟେମ୍ବର୍ ମାସର୍ ୨୯ ତାରିଖ୍ତକ୍ ସମିଆ ଧାରିଜ୍ କରାଯାଇଛେ । ଛାତ୍ରଛାତ୍ରୀମାନେ ଇଥିର୍ଲାଗି scholarship.odisha.gov.in ଥି ଆବେଦନ୍ କରିପାର୍ବେ ।

ଦୁଗ୍ଧ ସଂଗ୍ରହ ବୈଠକ୍ ନୂଆପଡ଼ା ସମ୍ବାଦଦାତା

ରାଜ୍ୟ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ସଚିବ ପ୍ରେମ୍ ଚନ୍ଦ୍ର ଚୌଧୁରୀ ଦିନ୍କିଆ ନୂଆପଡ଼ା ଜିଲ୍ଲା ଗସ୍ତଥି ଆସିକରି ଭିନ୍ ଭିନ୍ ଦୁଗ୍ଧ ସମବାୟ ସମିତି, ଗୋଶାଳା ଆଉ ଦୁଗ୍ଧ ସଂଗ୍ରହ ଅନୁଷ୍ଠାନ୍ ପରିଦର୍ଶନ୍ କରିଛନ୍ । ଇ ଅବ୍ସରେ ଜିଲ୍ଲାର୍ ସଦ୍ଭାବନା କେନ୍ଦ୍ର ଠାନେ ଜିଲ୍ଲା ଉନ୍ନୟନ୍ କମିଟି ବୈଠକ୍ଥି ସେ ସମୀକ୍ଷା କରିଛନ୍ ।

ବୈଠକ୍‌ରେ ଜିଲ୍ଲାପାଳ୍ ମଧୁସୂଦନ୍ ଦାସ୍‌ଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ସ୍ୱାଧୀନତା ଦିବସ୍ -ପ୍ରସ୍ତୁତି ବୈଠକ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ନ ଜିଲ୍ଲାସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ୍ ପାଳନ୍ ଲାଗି ଜିଲ୍ଲାପାଳ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍‌ଙ୍କର୍ ଅଧକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ର ନିଷ୍ପତି ଅନ୍‌ସାରେ ଅଗଷ୍ଟ ୧୪ ତାରିଖ୍ ଦିନ ଗୁଟେ ମଶାଲ୍ ଶୋଭାଯାତ୍ରା କରାଯିବା । ଅଗଷ୍ଟ ୧୫ ତାରିଖ୍ ଦିନ ସଖାଲର୍ ୯ ବାଜିକରି ୧୫ ମିନିଟଥି ଲାଲ୍‌ବାହାଦୂର୍ ଷ୍ଟାଡ଼ିୟମ୍ ନ ଜାତୀୟ ପତାକା ଉତୋଲନ୍ ଆଉ ପେରେଡ୍ ହେବାର୍ ସହେତେ ଭିନ୍ ଭିନ୍ ପ୍ରତିଯୋଗିତା, ରକ୍ତଦାନ୍ ଶିବିର୍, ଗଛ୍ ଜଗା ବାଗିର୍ ବହୁତଟେ କାର୍ଯ୍ୟକ୍ରମ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ -ପଶ୍ଚିମ ବଙ୍ଗୋପ୍ସାଗର୍ ଆଉ ପଶ୍ଚିମବଙ୍ଗ ଓଡ଼ିଶା କେ ଲାଗି କରିଥିବା ଇଲାକା ନ ସକ୍ରିୟ ଥିବା ଗଭୀର ଅବପାତର ପ୍ରଭାବ୍‌ଥି ରାଏଜେ ବର୍ଷା ଲାଗି ରହିଛେ । ଅବପାତ୍ ଇହାଦେ ପଶ୍ଚିମ ଉତର୍ ପଶ୍ଚିମ୍ ଦିଗ୍‌କେ ଗତି କରୁଛେ । ଇତାର୍ ପ୍ରଭାବ୍‌ଥି ଆଏଜ୍ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍ ଜିଲ୍ଲା ନ ଜବର୍‌ନୁ ଅତି ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ଜବର୍ ବର୍ଷା ଲାଗି ରହେବାର୍‌ନୁ ସମ୍ବଲ୍‌ପୁର୍, ବର୍‌ଗଡ଼୍ ଜିଲ୍ଲାର୍ ସବୁ ସର୍‌କାରୀ ଆଉ ବେସର୍‌କାରୀ ସ୍କୁଲ୍‌କେ ଆଏଜ୍ ଛୁଟି କରାଯାଇଛେ ।